# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 09th October - 2023

### News Editor : *Itishree Singh Rathaur*

*********************************

## ମୁଖ୍ୟ ସମ୍ବାଦ

- ୫ଟି ରାଜ୍ୟ ପାଇଁ ନିର୍ବାଚନ ତାରିଖ ଘୋଷଣା କଲେ ଭାରତର ନିର୍ବାଚନ ଆୟୋଗ ।

— ଛତିଶଗଡ଼ରେ ଦୁଇଟି ପର୍ଯ୍ୟାୟରେ ହେବ ମତଦାନ ।

- ଏସୀୟ କ୍ରୀଡ଼ାରେ ଅଂଶଗ୍ରହଣ କରିଥିବା କ୍ରୀଡ଼ାବିତ୍‌ମାନଙ୍କୁ ଆସନ୍ତାକାଲି ନୂଆଦିଲ୍ଲୀରେ ସମ୍ବୋଧନ କରିବେ ପ୍ରଧାନମନ୍ତ୍ରୀ ।

- ରାଜ୍ୟର ୫ଟି ସହରରେ ସମ୍ପୂର୍ଣ୍ଣ ଭାବେ ଏବଂ ୧୩ଟି ସହରର ୧୪୯ଟି ୱାର୍ଡରେ 'ଡ୍ରିଙ୍କ ଫ୍ରମ୍ ଟ୍ୟାପ୍' ଯୋଜନାରେ ୨୪ ଘଣ୍ଟିଆ ଜଳ ଯୋଗାଣ ସୁବିଧାର ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ ।

ଏବଂ

- ବାହାନଗା ରେଳ ଦୁର୍ଘଟଣାରେ ଚିହ୍ନଟ ହୋଇପାରି ନ ଥିବା ମୃତଦେହଗୁଡ଼ିକର ସି.ବି.ଆଇ. ଅଧିକାରୀଙ୍କ ଉପସ୍ଥିତିରେ ହେବ ଶେଷକୃତ୍ୟ ।

*Desk*

# ନିର୍ବାଚନ ତାରିଖ ଘୋଷଣା

ଭାରତର ନିର୍ବାଚନ ଆୟୋଗ ରାଜସ୍ଥାନ, ମଧ୍ୟପ୍ରଦେଶ, ତେଲେଙ୍ଗାନା, ଛତିଶଗଡ଼ ଓ ମିଜୋରାମ ରାଜ୍ୟ ପାଇଁ ଆଜି ନିର୍ବାଚନ ତାରିଖ ଘୋଷଣା କରିଛନ୍ତି । ଏହା ଅନୁସାରେ ଛତିଶଗଡ଼ରେ ପ୍ରଥମ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ପାଇଁ ନଭେମ୍ବର ୭ ତାରିଖରେ ଭୋଟ ଗ୍ରହଣ ହେବ । ସେହିଭଳି ନଭେମ୍ବର ୧୭ ରେ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ଅନୁଷ୍ଠିତ ହେବ। ମଧ୍ୟପ୍ରଦେଶରେ ନଭେମ୍ବର ୧୭ ରେ ମତଦାନ ହେବାକୁ ଥିବାବେଳେ ରାଜସ୍ଥାନରେ ନଭେମ୍ବର ୨୩ରେ ଓ ତେଲେଙ୍ଗାନାରେ ନଭେମ୍ବର ୩୦ରେ ଭୋଟଗ୍ରହଣ ହେବ । ସମସ୍ତ ୫ଟି ରାଜ୍ୟରେ ୩ ଡିସେମ୍ବରରେ ଭୋଟ୍‌ଗଣତି ହେବ ବୋଲି ନିର୍ବାଚନ ଆୟୋଗଙ୍କ ପକ୍ଷରୁ କୁହାଯାଇଛି।

ନୂଆଦିଲ୍ଲୀରେ ସାମ୍ବାଦିକମାନଙ୍କୁ ଏ ସଂକ୍ରାନ୍ତରେ ସୂଚନା ଦେଇ ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର କହିଛନ୍ତି, ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଏହା ଶେଷ ବିଧାନସଭା ନିର୍ବାଚନ ହୋଇଥିବାରୁ ଏହି ବିଧାନସଭା ନିର୍ବାଚନକୁ ଗୁରୁତ୍ୱପୂର୍ଣ୍ଣ ବିବେଚନା କରାଯାଉଛି। ସେ କହିଛନ୍ତି ନିର୍ବାଚନ କମିଶନ ସେହି ୫ଟି ରାଜ୍ୟରେ ଅବାଧ ଓ ନିରପେକ୍ଷ ନିର୍ବାଚନ କରିବାକୁ ପ୍ରତିଶ୍ରୁତିବଦ୍ଧ ।

ସେ କହିଛନ୍ତି, ନିର୍ବାଚନ ହେବାକୁ ଥିବା ୫ଟି ରାଜ୍ୟରେ ସମୁଦାୟ ୬ଶହ ଅଣାଅଶୀଟି ବିଧାନସଭା ନିର୍ବାଚନମଣ୍ଡଳୀ ରହିଛି ଏବଂ ମୋଟ ୧୬ କୋଟି ମତଦାତା ରହିଛନ୍ତି।

ସେ କହିଛନ୍ତି, ଜନସାଧାରଣ ନିର୍ବାଚନ ଅନିୟମିତତା ସମ୍ପର୍କରେ ନିର୍ବାଚନ କମିଶନକୁ ଜଣାଇପାରିବେ । ଏଥିପାଇଁ ସେମାନେ cVigil Appର ବ୍ୟବହାର କରିପାରିବେ । ପ୍ରତ୍ୟେକ ଅଭିଯୋଗ ଉପରେ ୧୦୦ ମିନିଟ୍ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ କୁମାର କହିଛନ୍ତି ।

***Desk***

## ପ୍ରଧାନମନ୍ତ୍ରୀ - ଏସୀୟ କ୍ରୀଡ଼ା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତାକାଲି ଅପରାହ୍ଣରେ ନୂଆଦିଲ୍ଲୀର ମେଜର ଧ୍ୟାନଚାନ୍ଦ ଷ୍ଟାଡିୟମ୍‌ଠାରେ ଚୀନ୍‌ର ହାଙ୍ଗ୍‌ଝୌଠାରେ ଅନୁଷ୍ଠିତ ହୋଇଥିବା ଏସୀୟ କ୍ରୀଡ଼ାରେ ଅଂଶଗ୍ରହଣ କରିଥିବା ଭାରତୀୟ କ୍ରୀଡ଼ାବିତ୍‌ମାନଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ସୂଚନା ଅନୁସାରେ, ଚଳିତ ଏସୀୟ କ୍ରୀଡ଼ାରେ ଭାରତ ୨୮ଟି ସ୍ୱର୍ଣ୍ଣ, ୩୮ଟି ରୌପ୍ୟ ଏବଂ ୪୧ଟି କାଂସ୍ୟ ପଦକ ସହ ମୋଟ ୧୦୭ଟି ପଦକ ଜିତିଛି । ସମୁଦାୟ ପଦକ ସଂଖ୍ୟା ଦୃଷ୍ଟିରୁ ଏସୀୟ କ୍ରୀଡ଼ାରେ ଏହା ହେଉଛି ଭାରତର ଏପର୍ଯ୍ୟନ୍ତ ଶ୍ରେଷ୍ଠ ପ୍ରଦର୍ଶନ ।

***Desk***

## ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ଯୋଜନା

ଭୁବନେଶ୍ୱର ସ୍ଥିତ ଲୋକସେବା ଭବନର ସମ୍ମିଳନୀ କକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଭିଡିଓ କନଫରେନ୍ସିଂ ମାଧ୍ୟମରେ 'ଡ୍ରିଙ୍କ୍ ଫ୍ରମ୍

ଟ୍ୟାପ୍' ଯୋଜନା ଅଧୀନରେ ଆଉ ୫ଟି ସହରକୁ ୨୪ ଘଣ୍ଟିଆ ବିଶୁଦ୍ଧ ଜଳଯୋଗାଣ ସୁବିଧାର ଲୋକାର୍ପଣ କରିଛନ୍ତି। ରାଇରଙ୍ଗପୁର, ଚମ୍ପୁଆ, ବୀରମିତ୍ରପୁର, ରାଜଗାଙ୍ଗପୁର ଏବଂ ନିମାପଡ଼ାରେ ଏହି ସୁବିଧା ଆରମ୍ଭ କରାଯାଇଛି। ଏଥିସହିତ ଅନ୍ୟ ୧୩ଟି ସହରର ୧୪୯ଟି ୱାର୍ଡରେ ମଧ୍ୟ ୨୪ ଘଣ୍ଟିଆ ବିଶୁଦ୍ଧ ଜଳଯୋଗାଣ ସୁବିଧାର ଲୋକାର୍ପଣ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଜଳର ପ୍ରତ୍ୟେକ ବିନ୍ଦୁରେ ଜୀବନ ରହିଛି। ସମସ୍ତଙ୍କୁ ବିଶୁଦ୍ଧ ଜଳଯୋଗାଣ ସରକାରଙ୍କ ଲକ୍ଷ୍ୟ। ବିଶୁଦ୍ଧ ଜଳର ସ୍ୱାସ୍ଥ୍ୟ, ଅର୍ଥନୀତି ସହିତ ଗଭୀର ସମ୍ପର୍କ ରହିଛି ବୋଲି ସେ କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ କହିଛନ୍ତି, ୨୪ ଘଣ୍ଟିଆ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଦ୍ୱାରା ଗରିବ ଓ ଦୁର୍ବଳ ଅର୍ଥନୈତିକ ବର୍ଗର ଲୋକମାନେ ବିଶେଷ ଭାବେ ଉପକୃତ ହେବେ। ସୂଚନା ଅନୁସାରେ, ଏହି ପଦକ୍ଷେପ ଦ୍ୱାରା ୧୨ ଲକ୍ଷ ୩୦ ହଜାର ଲୋକ ଉପକୃତ ହେବେ।

***Bhadrak/R***

## ସୁବର୍ଣ୍ଣ ଜୟନ୍ତୀ

ଭଦ୍ରକ ଜିଲ୍ଲା ଦୋଳସାହି ସ୍ଥିତ ଗୁଆମାଳ ବୀଣାପାଣି ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ଆଦିବାସୀ ବ୍ୟାପାର ଓ ଜଳଶକ୍ତି ରାଷ୍ଟ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ କହିଛନ୍ତି, କେନ୍ଦ୍ର ସରକାର ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ

ସବୁବେଳେ ଗୁରୁତ୍ୱ ପ୍ରଦାନ କରିଆସୁଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ସବୁବର୍ଗଙ୍କ ପାଇଁ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ପ୍ରଣୟନ କରାଯାଇଛି । ଏହି ଅବସରରେ ସେ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ଗ୍ରହଣ କରି ଉତ୍ତମ ନାଗରିକ ହେବାକୁ ପରାମର୍ଶ ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା ।

***HS***

# ବସ୍ ଧର୍ମଘଟ

ଆସନ୍ତାକାଲିଠାରୁ ପ୍ରସ୍ତାବିତ ରାଜ୍ୟବ୍ୟାପୀ ବସ୍ ଧର୍ମଘଟକୁ ସ୍ଥଗିତ ରଖାଯାଇଛି । ଚଳିତ ମାସ ୩୧ ଅକ୍ଟୋବର ଯାଏଁ ଏହାକୁ ସ୍ଥଗିତ ରଖାଯାଇଥିବା ଜଣାପଡ଼ିଛି । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସହ ବସ୍ ମାଲିକ ସଂଘର ବୈଠକ ପରେ ବସ୍ ମାଲିକ ସଂଘ ସଂପାଦକ ଦେବେନ୍ଦ୍ର ସାହୁ ଏହି ସୂଚନା ଦେଇଛନ୍ତି ।

ରାଜ୍ୟ ସରକାରଙ୍କ ଲକ୍ଷ୍ମୀ ଯୋଜନାକୁ ବିରୋଧ କରି ଘରୋଇ ବସ୍ ମାଲିକ ସଂଘ ଏହି ଧର୍ମଘଟ ଡାକରା ଦିଆଯାଇଥିଲା ।

# ଅଚିହ୍ନା ଶବଦାହ - ସି.ବି.ଆଇ.

ବାଲେଶ୍ୱର ଜିଲ୍ଲା ବାହାନଗା ରେଳ ଦୁର୍ଘଟଣାରେ ଚିହ୍ନଟ ହୋଇପାରି ନ ଥିବା ୨୮ଟି ମୃତଦେହ ସତ୍କାର ସମୟରେ ସିବିଆଇ ଅଧିକାରୀ ଉପସ୍ଥିତ ରହିବେ ବୋଲି ବି.ଏମ୍.ସି. କମିଶନର ବିଜୟ ଅମୃତ କୁଲାଙ୍ଗେ କହିଛନ୍ତି । ଚିହ୍ନଟ ହୋଇପାରି ନ ଥିବା ମୃତଦେହଗୁଡ଼ିକର ଶେଷକୃତ୍ୟ ଲାଗି ଗତକାଲି ବି.ଏମ୍.ସି. ପକ୍ଷରୁ ଆବଶ୍ୟକ ପରାମର୍ଶବଳୀ ଜାରି କରାଯାଇଥିଲା । ତେବେ ବାହାନଗା ରେଳ ଦୁର୍ଘଟଣାର ତଦନ୍ତ ଭାର ସି.ବି.ଆଇ.କୁ ଦିଆଯାଇଥିବାରୁ, ସେଠାରୁ ଅନୁମତି ମିଳିବା ପରେ ଶେଷକୃତ୍ୟ ଲାଗି ନିଷ୍ପତ୍ତି ନିଆଯାଇଛି । ଶ୍ରୀ କୁଲାଙ୍ଗେ କହିଛନ୍ତି, ଆସନ୍ତା ଦୁଇ ଦିନ ମଧ୍ୟରେ ସି.ବି.ଆଇ.ର ଏକ ଦଳ ଭୁବନେଶ୍ୱରରେ ପହଞ୍ଚିବା ପରେ ସେମାନଙ୍କ ଉପସ୍ଥିତିରେ ମୃତଦେହଗୁଡ଼ିକର ସତ୍କାର କରାଯିବ । ସମ୍ପୃକ୍ତ ମୃତଦେହଗୁଡ଼ିକୁ ଭୁବନେଶ୍ୱରସ୍ଥିତ ଏମ୍ସ୍‌ରେ ସ୍ୱତନ୍ତ୍ର କଣ୍ଟେନରରେ ରଖାଯାଇଛି ଓ ସି.ବି.ଆଇ. ଅଧିକାରୀଙ୍କ ଉପସ୍ଥିତିରେ ସେଗୁଡ଼ିକୁ ବି.ଏମ୍.ସି.କୁ ହସ୍ତାନ୍ତର କରାଯିବ । ଅନ୍ୟପକ୍ଷରେ ଏହି ଶବଦାହ ଲାଗି ଭରତପୁର, ସତ୍ୟନଗର ଶ୍ମଶାନ ଓ ଅନ୍ୟ କେତେକ କବରସ୍ଥଳୀକୁ ପ୍ରସ୍ତୁତ ରଖିବାକୁ ଖୋର୍ଦ୍ଧା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି ।

*Desk*

# ନୋବେଲ୍ ପୁରସ୍କାର

ଆମେରିକୀୟ ଅର୍ଥନୀତିଜ୍ଞ କ୍ଲାଉଡ଼ିଆ ଗୋଲ୍‌ଡେନ୍ ଚଳିତ ବର୍ଷ ପାଇଁ ନୋବେଲ୍ ପୁରସ୍କାର ପାଇବେ । ନୋବେଲ୍ କମିଟି ପକ୍ଷରୁ ଆଜି ଏହି ଘୋଷଣା କରାଯାଇଛି । କମିଟି ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଅର୍ଥନୀତିଜ୍ଞ କ୍ଲାଉଡ଼ିଆ ଗୋଲ୍‌ଡେନ୍ ଶ୍ରମବଜାରରେ ଲିଙ୍ଗଗତ ବିଭେଦ ସମ୍ପର୍କରେ ଗବେଷଣା କରିଛନ୍ତି । ବିଗତ ଶତାବ୍ଦୀରେ ବହୁ ଉଚ୍ଚ ଆୟକାରୀ ଦେଶରେ ବେତନପ୍ରାପ୍ତ ମହିଳାଙ୍କ ସଂଖ୍ୟା ବୃଦ୍ଧି ପାଇଥିଲେ ମଧ୍ୟ ଏହି ପାର୍ଥକ୍ୟ ଦୂର ହୋଇ ନ ଥିବା ସେ ତାଙ୍କର ଗବେଷଣାରେ ଦର୍ଶାଇଛନ୍ତି ।

*PIB*

# କୁଇ ଓ ଦେଶିଆ ଭାଷା

କୋରାପୁଟ ସ୍ଥିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପରିସରରେ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀଙ୍କପାଇଁ ଆଜିଠାରୁ ବୁଧବାର ପର୍ଯ୍ୟନ୍ତ  କୁଇ ଏବଂ ଦେଶିଆ ଭାଷା ଉପରେ କେନ୍ଦ୍ରିତ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଜାତୀୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହି ଅବସରରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ନୂତନ ଜାତୀୟ ଶିକ୍ଷାନୀତିରେ ପ୍ରାଥମିକ ଶିକ୍ଷାରେ ସ୍ଥାନୀୟ ମାତୃଭାଷାର ପ୍ରଚାର, ପ୍ରସାର ଓ

ସଂରକ୍ଷଣ ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ସେହିଭଳି ଏନ୍.ସି.ଇ.ଆର୍.ଟି. ଭୁବନେଶ୍ୱରର ଅଧ୍ୟକ୍ଷ ପ୍ରଫେସର ପି.ସି. ଅଗ୍ରୱାଲ୍ କହିଛନ୍ତି, ସଂସ୍କୃତି ଓ ଭାଷା ଏକସାଙ୍ଗରେ ଚାଲିଥାଏ । ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ମାତୃଭାଷାରେ ଶିକ୍ଷାଦାନଦ୍ୱାରା ଶିକ୍ଷାର ମାନ ବୃଦ୍ଧି ପାଇବ ବୋଲି ସେ କହିଛନ୍ତି ।

କୋରାପୁଟ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରେ ପ୍ରାଥମିକସ୍ତରରେ ଶିକ୍ଷା ପ୍ରଦାନ କରୁଥିବା କୁଇ ଓ ଦେଶିଆ ଭାଷାରେ ଦକ୍ଷ ୬୦ ଜଣ ଉତ୍ସର୍ଗୀକୃତ ଶିକ୍ଷକ ଏଥିରେ ଅଂଶଗ୍ରହଣ କରିଛନ୍ତି। ଏହି ତିନିଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ଶିକ୍ଷକମାନଙ୍କୁ ଏବଂ ଛାତ୍ରଛାତ୍ରୀମାନଙ୍କୁ ସ୍ଥାନୀୟ ଭାଷା ଉପରେ ଶିକ୍ଷା ଅଭିଜ୍ଞତାକୁ ବୃଦ୍ଧି କରିବା ଏବଂ ଦକ୍ଷତା ପ୍ରଦାନ କରିବା।

***Rayagada/R***

## ଡାକଟିକଟ ପ୍ରଦର୍ଶନୀ

ଭାରତୀୟ ଡାକ ବିଭାଗ ରାୟଗଡ଼ା ଡାକମଣ୍ଡଳ ପକ୍ଷରୁ ପ୍ରଥମ ଜିଲ୍ଲାସ୍ତରୀୟ ଡାକଟିକଟ ପ୍ରଦର୍ଶନୀ ଆସନ୍ତା ନଭେମ୍ବର ୧୮ ଓ ୧୯ ତାରିଖ ଦୁଇ ଦିନ ଧରି ଅନୁଷ୍ଠିତ ହେବ । ଆଜି ଏହି ପ୍ରଦର୍ଶନୀର ନାମ, ପ୍ରତୀକ ଚିହ୍ନ ଏବଂ ନିୟମାବଳୀ ସମ୍ପର୍କିତ ପୁସ୍ତିକା ଲୋକାର୍ପିତ ହୋଇଛି । ଏହି ପ୍ରଦର୍ଶନୀର ନାମ 'ରାୟପେକ୍ସ-୨୦୨୩' ରଖାଯାଇଥିବା ରାୟଗଡ଼ା ଡାକମଣ୍ଡଳ ଅଧୀକ୍ଷକ ମୀନକେତନ ପ୍ରଧାନ କହିଛନ୍ତି । ଏହି ପ୍ରଦର୍ଶନୀରେ ଦେଶ ବିଦେଶର

ଅନେକ ବିରଳ ଡାକଟିକଟ ଓ ଡାକ ଉପକରଣ ପ୍ରଦର୍ଶିତ ହେବ ବୋଲି ଜଣାପଡ଼ିଛି ।

***Boudh, Gajapati, Deogarh, Nabarangpur, Rayagada, Bhadrak, Nuapada, Kalahandi, Nayagarh/R***

## ଜନଶୁଣାଣି ଶିବିର

ଆଜି ରାଜ୍ୟର ବିଭିନ୍ନ ସ୍ଥାନରେ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି । ବୌଦ୍ଧ ଜିଲ୍ଲା କଣ୍ଟାମାଳଠାରେ ଆୟୋଜିତ ଶିବିରରେ ୧୩୧ଟି ଅଭିଯୋଗ ମଧ୍ୟରୁ ଅଣାନବେଟିର ସମାଧାନ କରାଯାଇଥିବାବେଳେ ରେଡ୍‌କ୍ରସ୍ ଓ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ସହାୟତା ଯୋଗାଇ ଦିଆଯାଇଛି ।

ଗଜପତି ଜିଲ୍ଲା ମୋହନା ବ୍ଲକ୍ ଅନ୍ତର୍ଗତ ସୁଡ଼ଙ୍ଗପୁର ପଞ୍ଚାୟତରେ ଅନୁଷ୍ଠିତ ଶିବିରରେ ୯୮ଟି ଅଭିଯୋଗ ମଧ୍ୟରୁ ୧୧ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଛି ।

ଦେବଗଡ଼ ଜିଲ୍ଲା ତିଲେଇବଣି ବ୍ଲକ୍‌ରେ ଆୟୋଜିତ ଜନଶୁଣାଣି ଶିବିରରେ ୨୦ଟି ଅଭିଯୋଗର ଶୁଣାଣି ହୋଇଛି ।

ସେହିପରି ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ୍‌ରେ ଅନୁଷ୍ଠିତ ଶିବିରରେ ୪୦ଟି ଅଭିଯୋଗର ଶୁଣାଣି ହେବା ସହ ୩୦ ଜଣଙ୍କୁ ପେନ୍‌ସନ୍ ପ୍ରଦାନ କରାଯାଇଛି ।

ରାୟଗଡ଼ା ଜିଲ୍ଲା ଗୁଣୁପୁର ଉପଖଣ୍ଡ ସଦର ମହକୁମାସ୍ଥିତ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ଜନଶୁଣାଣି ଶିବିରରେ ୪୦ଟି ଅଭିଯୋଗର ସମାଧାନ ହୋଇଛି ।

ଭଦ୍ରକ ଜିଲ୍ଲା ତିହିଡି ବ୍ଲକ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଶିବିରରେ ୧୧୧ଟି ଅଭିଯୋଗର ଶୁଣାଣି ହୋଇଛି । ସେଥିରେ ଭତ୍ତା, ରାସନ କାର୍ଡ଼ ଏବଂ ରାସ୍ତା ସମସ୍ୟା ସମ୍ପର୍କିତ ଅନେକ ଅଭିଯୋଗ ଥିବା ଜଣାପଡ଼ିଛି ।

ନୂଆପଡ଼ା ଜିଲ୍ଲା କୋମନା ବ୍ଲକ୍ ସମ୍ମିଳନୀ କକ୍ଷରେ ଆୟୋଜିତ ଶିବିରରେ ୭୫ଟି ଅଭିଯୋଗର ଶୁଣାଣି ସହ ବିଭାଗୀୟ ଅଧିକାରୀମାନଙ୍କୁ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ପଞ୍ଚାୟତ ସମିତି ସଭାଗୃହରେ ଆୟୋଜିତ ଶିବିରରେ ୧୪୧ଟି ଅଭିଯୋଗ ମଧ୍ୟରୁ ୨୬ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଛି ।

ସେହିପରି ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ସଭାଗୃହରେ ଆୟୋଜିତ ଶିବିରରେ ୧୫୧ଟି ଅଭିଯୋଗ ମଧ୍ୟରୁ ଅଡ଼ଷଠିଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଛି ।

*****